82JEGA

ଜନ୍‌ଙ୍କ ପ୍ରିୟ ସାଥୀ ଡିକ୍

ଡ. ଦିଗରାଜ ବ୍ରହ୍ମା

ସେଦିନ କାର୍ଲାଇଲ ସହରର ଏକ ରାସ୍ତାରେ ଯାଉଥିଲେ ଜଣେ ଭାରତୀୟ ଯୁବକ। ସାଙ୍ଗରେ ଥିଲେ ତାଙ୍କର ଜଣେ ବନ୍ଧୁ। ବନ୍ଧୁଙ୍କ ନାମ ଥିଲା ଥମ୍ପସନ୍। ସେ ଥିଲେ ବିଲାତର ଲୋକ।

ବିଲାତର ଚାଲିଚଳଣି ବିଷୟରେ ଜାଣିବା ପାଇଁ ଯୁବକଙ୍କ ମନରେ ଆଗ୍ରହ ଥିଲା। ସେଥିପାଇଁ ସେ ବନ୍ଧୁ ଥମ୍ପସନ୍‌ଙ୍କୁ ବହୁତ କଥା ପଚାରୁଥିଲେ । ରାସ୍ତାରେ ଅନେକ ଲୋକ କୁକୁର ଧରି ଯାଉଥିବାର ଦେଖି ଯୁବକ ଜଣକ ପଚାରିଲେ "ଆପଣଙ୍କ ଦେଶର ଲୋକ କୁକୁରକୁ ଖୁବ୍ ଭଲପାଆନ୍ତି ବୋଧହୁଏ ?"

ଯୁବକଙ୍କ ପ୍ରଶ୍ନ ଶୁଣି ଥମ୍ପସନ୍ କହିଲେ "କୁକୁର ହେଉଛି ଆମ ସମସ୍ତଙ୍କର ପ୍ରିୟ । ଘରେଘରେ ଲୋକେ କୁକୁର ପାଳିଥାନ୍ତି। ଏପରିକି ସ୍ୱାମୀଙ୍କର ଗୋଟିଏ ଓ ସ୍ତ୍ରୀଙ୍କର ଆଉ ଗୋଟିଏ ପୋଷା କୁକୁର ମଧ୍ୟ ଥାଏ। ସେମାନେ ନିଜ କୁକୁରଙ୍କୁ ନେଇ ଗର୍ବ ଅନୁଭବ କରନ୍ତି।"

କଥା କହୁକହୁ ଥମ୍ପସନ୍ ରାସ୍ତାର ଗୋଟିଏ କଡ଼ରେ ଠିଆ ହୋଇଗଲେ। ତାଙ୍କର ଦୃଷ୍ଟିପଡ଼ିଲା ରାସ୍ତାର ଅନ୍ୟ ପାର୍ଶ୍ୱରେ ଯାଉଥିବା ପଦଚାରୀଙ୍କ ଉପରେ। ପଦଚାରୀଙ୍କୁ ଦେଖି ତାଙ୍କ ମନ ଉଲ୍ଲସିତ ହୋଇଉଠିଲା। ସେ ଡାକ ଛାଡ଼ିଲେ "ମିଷ୍ଟର ଜନ୍ ! ଆପଣ ଏପଟକୁ ଟିକିଏ ଆସିବେ କି ?"

ଭାରତୀୟ ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ। ଦେଖିଲେ, ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନ୍‌ଙ୍କ ଡାକରେ ଅଟକି ଯାଇଛନ୍ତି। ତାଙ୍କ ହାତରେ ଅଛି ଗୋଟିଏ ଚମଡ଼ାର ବେଲ୍‌ଟ। ସେଇଟି ବନ୍ଧା ହୋଇଛି ଗୋଟିଏ କୁକୁର ବେକରେ। କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ କ'ଣ ଗୋଟିଏ ନିର୍ଦ୍ଦେଶ ପାଇବା ପାଇଁ ତା'ର ମାଲିକକୁ ଉତ୍କଣ୍ଠାର ସହିତ ଚାହିଁ ରହିଛି।

ଏହି ସମୟରେ ବୃଦ୍ଧ କହିଲେ "ଡିକ୍, ମୋର ବନ୍ଧୁ ରାସ୍ତାର ଅପର ପାର୍ଶ୍ୱରେ ଅଛନ୍ତି। ମୋତେ ଟିକିଏ ପାରିକରି ଦେ"।

ଜନ୍ ଯେ ଜଣେ ଅନ୍ଧ ଏକଥା ଯୁବକ ଜଣକ ବୁଝିପାରିଲେ। ଡିକ୍ ହେଉଛି ଏ ଅନ୍ଧଙ୍କର ଲଉଡ଼ି, ଏକଥା ତାଙ୍କୁ ଅଛପା ରହିଲା ନାହିଁ।

ଯୁବକ ଜଣକ ଲକ୍ଷ୍ୟ କଲେ, ଡିକ୍ ରାସ୍ତା ଉପରେ ନଜର ପକାଇଲା। କାରଣ ରାସ୍ତାରେ ଅନବରତ ଗାଡ଼ିଘୋଡ଼ା ଯା' ଆସ କରୁଥିଲା। ଟିକିଏ ସୁବିଧା ମିଳିଲେ ତ ସେ ତା'ର ମାଲିକକୁ ରାସ୍ତା ପାରି କରିଦେବ।

କିଛି ସମୟ ପରେ ଡିକ୍ ଦେଖିଲା, ରାସ୍ତା ଟିକିଏ ଫାଙ୍କା ପଡ଼ିଛି। ଡିକ୍ ଲକ୍ଷ୍ୟ କଲା, ଦୂରରୁ ଗୋଟିଏ ଗାଡ଼ି ଆସୁଛି। ହୁଏତ ସେ ଠିଆ ହୋଇଥିବା ସ୍ଥାନରେ ଗାଡ଼ିଟି ପହଞ୍ଚିବାକୁ ପ୍ରାୟ ଦୁଇ ମିନିଟ୍ ସମୟ ଲାଗିବ। ବାସ୍ ! ଏଇ ଦୁଇ ମିନିଟ୍ ଥିଲା ଡିକ୍ ପାଇଁ ସୁବର୍ଣ୍ଣ ସୁଯୋଗ। ସେ ଆଗେଇ ଚାଲିଲା ପ୍ରଧାନ ରାସ୍ତାର ମଝିକୁ। ହାତମୁଠାରେ ଥିବା ବେଲ୍‌ଟଟି ଝିଙ୍କି ହେବାରୁ ଡିକ୍ ଯିବା କଥା ଜନ୍ ଜାଣିପାରିଲେ। ସେ ଚାଲିଲେ ଡିକ୍‌ର ପଛେପଛେ । ଗାଡ଼ିଟି ଆସିବା ପୂର୍ବରୁ ଡିକ୍ ଜନ୍‌ଙ୍କୁ ରାସ୍ତା ପାରି କରିଦେଇଥିଲା।

ଗୋଟିଏ କୁକୁରର ଏଭଳି କାର୍ଯ୍ୟ ଦେଖି ଯୁବକଙ୍କର ବିସ୍ମୟର ସୀମା ରହିଲା ନାହିଁ। ସେ ମନେମନେ କହିଲେ "ସାବାସ୍ ଡିକ୍ ! ତୋତେ କିଏ ବା କୁକୁର ବୋଲି କହିବ ?"

ଥମ୍ପସନ୍, ଜନ୍‌ଙ୍କ ସହିତ ଯୁବକଙ୍କ ପରିଚୟ କରାଇଦେଲେ । ହଜାରହଜାର କିଲୋମିଟର ଦୂରରୁ ଭାରତରୁ ଆସିଥିବା ଯୁବକଙ୍କ ପ୍ରତି ଜନ୍‌ଙ୍କ ମୁଖମଣ୍ଡଳରେ ଶୁଭେଚ୍ଛାର ଭାଷା ଫୁଟି ଉଠିଲା ।

ଡିକ୍‌ର ପିଠିରେ ହାତ ବୁଲାଇ ଆଣୁଆଣୁ ଜନ୍‌ଙ୍କୁ ଯୁବକ ଜଣକ ପଚାରିଲେ "ଡିକ୍ ଆପଣଙ୍କର ସବୁ କାମ କରିଦିଏ ?"

ଜନ୍ କହିଲେ "ହଁ ଡିକ୍ ହେଉଛି ମୋର ସବୁକିଛି । ତାକୁ ମୁଁ ପରିବା ଦୋକାନକୁ ଯିବାକୁ କହିଲେ ସେ ମୋତେ ସେଠାକୁ ନେଇଯାଏ। ଜଳଖିଆ ଦୋକାନକୁ ସେ ମଧ୍ୟ ମୋତେ ବାଟ ଦେଖାଇଦିଏ । ଆମେ ଦୁଇବନ୍ଧୁ ରୁଟି ଓ ବିସ୍କୁଟ ଖାଉ। ଅନାବିଳ ବନ୍ଧୁତ୍ୱର ଆନନ୍ଦ ପାଉ।"

"ଏପରି ସାହାଯ୍ୟକାରୀ ବନ୍ଧୁଟିଏ ଆପଣ ପାଇଲେ କେଉଁଠୁ ?" ଯୁବକ ଜଣକ ପଚାରିଲେ "ସେ ବନ୍ଧୁଟିକୁ ମୋ' ହାତରେ ଟେକି ଦେଇଛନ୍ତି ଆମ ଦେଶର ପୋଲିସ୍ ସଂସ୍ଥା । ଏହି ସଂସ୍ଥା ତରଫରୁ ମୋ' ଭଳି ଚକ୍ଷୁହୀନ ଲୋକମାନଙ୍କୁ ତାଲିମ୍‌ପ୍ରାପ୍ତ କୁକୁରମାନ ଯୋଗାଇ ଦିଆଯାଇ ଥାଏ ।" ଏହା କହି ଜନ୍ ପକେଟ୍‌ରୁ ଚିଠିଟିଏ ବାହାର କଲେ ଓ ଯୁବକ ଜଣକୁ ଦେଖାଇଲେ ।

ଚିଠିଟି ଉପରେ ଯୁବକ ଜଣକ ଟିକିଏ ଆଖି ବୁଲେଇ ଆଣିଲେ । କୁକୁର ତାଲିମ୍ ସଂସ୍ଥାର ନିର୍ଦ୍ଦେଶକ ଜନ୍‌ଙ୍କ ପାଖକୁ ଏ ଚିଠିଟି ଲେଖିଥିଲେ । ସେଥିରେ ଲେଖାଥିଲା "ପ୍ରିୟବନ୍ଧୁ ଜନ୍, ଡିକ୍ ଆପଣଙ୍କ ସେବାରେ ଯାଉଛି, ମୋର ଆଶା, ସେ ତା'ର ସମସ୍ତ ବୁଦ୍ଧି ଓ କୌଶଳ ଖଟାଇ ଆପଣଙ୍କୁ ସାହାଯ୍ୟ କରିବ । ଆପଣଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ମଧ୍ୟ ହୋଇପାରିବ ।" "ବାଃ, ଆପଣଙ୍କ ଦେଶରେ କି ଚମତ୍କାର ବ୍ୟବସ୍ଥା !" ଯୁବକଙ୍କ ତୁଣ୍ଡରୁ ସ୍ୱତଃ ବାହାରିପଡ଼ିଲା ।

ଯୁବକ ଜଣକ କ୍ଷଣକ ପାଇଁ ଜନ୍‌ଙ୍କ କଳା ଚଷମା ଓ ଡିକ୍‌ର ଉଜ୍ଜ୍ୱଳ ଆଖି ଉପରେ ନଜର ବୁଲାଇ ଆଣିଲେ । ଜନ୍‌ଙ୍କର ସିନା ଆଖି ନାହିଁ, ହେଲେ ଡିକ୍‌ର ତ ଆଖି ଅଛି ! ଡିକ୍‌ର ସେହି ଆଖି କ'ଣ ଜନ୍‌ଙ୍କ ଆଖି ନୁହେଁ ।

ଶିକ୍ଷକଙ୍କ ପାଇଁ ସୂଚନା

- ଗୃହପାଳିତ ପଶୁମାନେ କିପରି ମନୁଷ୍ୟର ଉପକାରରେ ଲାଗନ୍ତି, ସେ ବିଷୟରେ ଶିକ୍ଷକ ଶିକ୍ଷାଦାନ ପୂର୍ବରୁ ଆଲୋଚନା କରିବେ ।
- କୁକୁରଟି ଯେ ଜନଗହଳି ରାସ୍ତାରେ ଜଣେ ଦୃଷ୍ଟିହୀନ ଲୋକକୁ ବାଟ କଢ଼ାଇ ନେଇ ପାରୁଛି; ତାହାର ଏକ ସୁନ୍ଦର କାହାଣୀ ଆଜି ଏଠାରେ କୁହାଯିବ ବୋଲି ସୂଚାଇବେ।
- ଏହି ପ୍ରସଙ୍ଗରେ କୁକୁରଟି ମନୁଷ୍ୟର କିଭଳି ଅଧିକ ବିଶ୍ୱସ୍ତ ଓ ଉପକାରୀ, ତାହା କହିବେ।
- ଆଜିକାଲି କୁକୁରକୁ କିଭଳି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଉଛି, ବିଶେଷକରି ପୋଲିସ୍ କୁକୁର କିଭଳି କାର୍ଯ୍ୟ ସମ୍ପାଦନ କରୁଛି, ତାହା କହିବେ ।
- କୁକୁରକୁ ଏକଦା ଗବେଷଣା ପାଇଁ କିପରି ମହାକାଶକୁ ପଠାଯାଇଥିଲା, ସେ ସମ୍ପର୍କରେ ସୂଚନା ଦେବେ ।

ଆସ ଜାଣିବା କେତୋଟି ଶବ୍ଦ

ପାର୍ଶ୍ୱ	ପଦଚାରୀ	ନିର୍ଦ୍ଦେଶ	ଉତ୍କଣ୍ଠା
ଲଉଡ଼ି	ଅଛପା	ଅନବରତ	ସୁବର୍ଣ୍ଣସୁଯୋଗ
ବିସ୍ମୟ	ଶୁଭେଚ୍ଛା	ଅନାବିଳ	ଅନ୍ତରଙ୍ଗ
ଉଲ୍ଲସିତ			

ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

(କ) ଭାରତୀୟ ଯୁବକ କ'ଣ ପାଇଁ ବିଲାତ ଯାଇଥିଲେ ?

(ଖ) ଭାରତୀୟ ଯୁବକ ବିଲାତର କେଉଁ ସହରକୁ ଯାଇଥିଲେ ?

(ଗ) ରାସ୍ତା ପାରିହେବାରେ ଜନ୍ କାହିଁକି ଡିକ୍‌ର ସାହାଯ୍ୟ ନେଲେ ?

୨. ଗାର ଦିଆଯାଇଥିବା ଶବ୍ଦ ବଦଳରେ ସେହି ଅର୍ଥ ବୁଝାଉଥିବା ଶବ୍ଦ ଲଗାଇ ବାକ୍ୟଗୁଡ଼ିକୁ ଲେଖିବା ।

(କ) ମୁଁ ଶ୍ରେଣୀରେ ପ୍ରଥମ ହେବାରୁ ଘରଲୋକେ <u>ଆନନ୍ଦିତ</u> ହେଲେ ।

....

(ଖ) ଆଜି <u>ଅବିରତ</u> ବର୍ଷା ହେଉଛି ।

....

(ଗ) ଆମ ଗାଁ ରାସ୍ତାରେ ଓଟ ଦେଖି ଆମେ <u>ବିସ୍ମିତ</u> ହେଲୁ ।

....

(ଘ) ନୂଆ ଜାଗା ଦେଖିବା ପାଇଁ ସମସ୍ତଙ୍କର ମନରେ <u>ଉତ୍କଣ୍ଠା</u> ଥାଏ ।

....

୩. ଯେପରି 'କୁକୁର' ସହିତ ପୋଷା ଲଗାଇ ପୋଷାକୁକୁର କରାଯାଉଛି, ସେଇଭଳି ତଳଲିଖିତ ଶବ୍ଦଗୁଡ଼ିକ ସହିତ କ'ଣ ଲଗାଇ ନୂଆ ଶବ୍ଦ ତିଆରି କରାଯାଇପାରିବ ଲେଖିବା ।

ଉଜ୍ଜ୍ୱଳ................ ଅନାବିଳ ....

ଅନ୍ତରଙ୍ଗ............... ବୃଦ୍ଧ ....

....

୪. ବିକାଶର ଗାଁ ମହୁଲପାଲି । ଗାଁ ଟି ମହାନଦୀ କଡ଼ରେ, ତା' ବାପା ରାମହରି ବାବୁ ଲଣ୍ଡନରେ ଚାକିରି କରନ୍ତି । ସେ ବର୍ଷକୁ ଥରେ ଘରକୁ ଆସନ୍ତି । ସେଇଟା ପୁଣି ଡିସେମ୍ବର ମାସରେ । ତେଣୁ ଡିସେମ୍ବର ମାସଟି ବିକାଶ ଓ ତା' ସାନଭାଇ ମୁନାର ଭାରି ଭଲରେ କଟେ ।

ଉପରୋକ୍ତ ଅନୁଚ୍ଛେଦରୁ ନାମକୁ ବୁଝାଉଥିବା ଶବ୍ଦଗୁଡ଼ିକ ଲେଖ ।

....

....

....

୫. ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ । ଦେଖିଲେ, ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନ୍‌ଙ୍କ ଡାକରେ ଅଟକି ଯାଇଛନ୍ତି । କୁକୁର ବେକରେ ବନ୍ଧା ହୋଇଥିବା ବେଲ୍‌ଟ୍‌ଟିକୁ ଧରିଛନ୍ତି । କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ ମାଲିକର ନିର୍ଦ୍ଦେଶ ପାଇଁ ଚାହିଁ ରହିଛି ।"

ଉପରେ ଲେଖାଯାଇଥିବା ଅନୁଚ୍ଛେଦରୁ କାମକୁ ବୁଝାଉଥିବା ଶବ୍ଦଗୁଡ଼ିକୁ ବାଛି ଲେଖିବା ।.

....

....

....

୬. 'ଯେ ସାହାଯ୍ୟ କରେ' ତାକୁ ଗୋଟିଏ ପଦରେ 'ସାହାଯ୍ୟକାରୀ' କହିଥାଉ । ସେହିପରି ତଳଲିଖିତ ଉକ୍ତିଗୁଡ଼ିକ ଗୋଟିଏ ପଦରେ କ'ଣ ହେବ ଲେଖିବା -

ଯେ ପାଦରେ ଚାଲେ ....

ଯେ ତାଲିମ୍ ପାଇଛି ....

ଯେ ନିର୍ଦ୍ଦେଶ ଦିଏ ....

ଯେ ଭାରତର ଲୋକ ....

ଯାହାର ଚକ୍ଷୁ ନାହିଁ ....

....

୭. 'କ' ଓ 'ଖ' ବାକ୍ୟ ଦୁଇଟିରେ ଥିବା ଭାବକୁ 'ଗ'ରେ ଥିବା ଗୋଟିଏ ବାକ୍ୟରେ ପ୍ରକାଶ କରାଯାଇଛି । ସେହିପରି ତଳେ ଦିଆଯାଇଥିବା ଦୁଇଦୁଇଟି ବାକ୍ୟର ଭାବକୁ ଏକାଠି ଯୋଡ଼ି ଗୋଟିଏ ବାକ୍ୟରେ ଲେଖିବା ।

ଯେପରି -

କ. ଆମେ ଦୁଇବନ୍ଧୁ ରୁଟି ଖାଉ

ଖ. ଆମେ ଦୁଇବନ୍ଧୁ ବିସ୍କୁଟ୍ ଖାଉ

ଗ. ଆମେ ଦୁଇବନ୍ଧୁ ରୁଟି ଓ ବିସ୍କୁଟ୍ ଖାଉ

କ. କୁକୁରଟି ତା'ର ସମସ୍ତ ବୁଦ୍ଧି ଖଟାଇ ଆପଣଙ୍କୁ ସାହାଯ୍ୟ କରିବ ।

ଖ. କୁକୁରଟି ତା'ର ସମସ୍ତ କୌଶଳ ଖଟାଇ ଆପଣଙ୍କୁ ସାହାଯ୍ୟ କରିବ ।

ଗ. ....

କ. ନନ୍ଦନକାନନରେ ଚିଡ଼ିଆଖାନା ଦେଖିବା ।

ଖ. ନନ୍ଦନକାନନରେ ଉଦ୍ଭିଦଉଦ୍ୟାନ ଦେଖିବା ।

ଗ. ....

୮. ଆସ ଉପରେ ଦିଆଯାଇଥିବା ଚିତ୍ରକୁ ଭଲକରି ଦେଖିବା ଓ ତା' ବିଷୟରେ ଖାଲି ସ୍ଥାନରେ ଲେଖିବା ।

....

....

....

....

....

....

....

୯. ସରଳ ଭାଷାରେ ବୁଝାଇ ଲେଖିବା
‘ଡିକ୍‌ର ସେହି ଆଖି କ’ଣ ଜନ୍‌ଙ୍କ ଆଖି ନୁହେଁ !’

....

....

....

....

....

....

....

ତୁମ ପାଇଁ କାମ

- ‘କୁକୁର ଆମର ଉପକାରୀବନ୍ଧୁ’ ଏ ବିଷୟରେ ୧୦ଟି ବାକ୍ୟ ଘରୁ ଲେଖିଆଣିବା ।